ମୋହନ-ବେଣୁ

ଶ୍ରୀ ବୀରକିଶୋର ଦାସ

Digitized by srujan ka@gmail.com



ମହାତ୍ମା ଗାନ୍ଧୀ

Digitized by srujan ka@gmail.com

ଉତ୍ସର୍ଗ ପତ୍ର

ଆଜି ସେହି ଅତି ମାନବ ମୋହନ ଦାସ
କର୍ମ୍ମଚନ୍ଦଙ୍କର ଜନ୍ମ ତିଥି ଆଜି
ଦିନଟି ବିଶ୍ୱଇତିହାସରେ
ଚିର ସ୍ମରଣୀୟ ଓ
ଅତି ପବିତ୍ର ;
ଏହି ପୁଣ୍ୟାହର ସ୍ମୃତି ରକ୍ଷା ପୂର୍ବକ
ଉତ୍କଳରେ ମହାତ୍ମାଙ୍କ
ପ୍ରଥମ ଶିଷ୍ୟ
'ଗାନ୍ଧି ସେବାଶ୍ରମ'ର ସ୍ଥାପୟିତା
ପଣ୍ଡିତ ଗୋବିନ୍ଦଚନ୍ଦ୍ର ମିଶ୍ରଙ୍କ
କରକମଳରେ
ଏହି କ୍ଷୁଦ୍ର ପୁସ୍ତିକା ଖଣ୍ଡି
ରଚୟିତାଙ୍କ ଅନୁମତି ନେଇ ଭକ୍ତିଭରେ
ଅର୍ପଣ କଲି ।

ପ୍ରକାଶକ

ଆଶ୍ୱିନ, କଟକ, ୧।୧।୬୩ ଗାନ୍ଧି ଜୟନ୍ତୀ

Digitized by srujan ka@gmail.com

ସୂଚୀ

ବିଷୟ		ପୃଷ୍ଠା
୧ । ବନ୍ଧୁ, ସରିଗଲ ମୁଁ ତ ସରିଗଲି	—	୧
୨ । ଛୁଅଁନା ଛୁଅଁନା ବିଦେଶୀ ବସନ	—	୩
୩ । ଏ ଯେ ଯୁଗଅବତାର ଆସୁଛି	—	୪
୪ । ଗୃହକିଣାପର ଗୃହ୍ନିଁ ଗଗନେ	—	୫
୫ ସେ ମହାମାନବ ଚରଣେ ଗୃହ୍ନୁଁ	—	୭
୬ । ଘୁଡକି ପଥର କର ସବୁ ଦୁଃଖ ସହୁଛି	—	୮
୭ । ଜଳଧର ନୁହେ ଜଳଧର ଭାଇ	—	୧୦
୮ । ସେ ଯେ ସୁନ୍ଦର ଶିର ସୁନ୍ଦର	—	୧୨
୯ । ଜୀବ ସେବା ଭାଇ ଅହିଂସା ନୀତିର ଅସଲ୍ ଭିତ୍ତି	—	୧୩
୧୦ । ମରଣକୁ ଯେବେ ବରଣ କରିବା	—	୧୫
୧୧ ଉଠଉଠ ହେ ଉତ୍କଳବାସି	—	୧୮
୧୨ । ଗୁଲିବନେ ଭାଇ ବଗୁରି ଉଗୁରି	—	୨୦
୧୩ ଅହା କେଡେ ସୁନ୍ଦର ଜହ୍ନ ପଡୁଛି	—	୨୨
୧୪ । ରାଜ୍ୟ ନାହିଁ ଯାର ସ୍ୱରାଜ୍ୟ କି ହେବ	—	୨୪
୧୫ । କହ ଟୋ କିଏ ସେ ପ୍ରେମର ନାଗର	—	୨୬
୧୬ । ଦେବ, ଅମର ପୁରରୁ ଗଗନ ଜହାଳୁ	—	୨୮
୧୭ । ମୋର ସାହା ଏକା ସେହୁ ଭଗବାନ୍	—	୩୦

—※※※—

Digitized by srujan ka@gmail.com

ମୋହନବେଣୁ

ଆତ୍ମସମର୍ପଣ

କାର୍ତ୍ତିକପୂର୍ଣ୍ଣିମା କଟକ ଜେଲ୍
ଗାନ୍ଧ୍ୟାବ୍ଦ ୭୨

ବନ୍ଧୁ !

ସରଗଲି
ମୁଁ ତ ସରଗଲି;
ଧରମ କରମ ଯାହାଥିଲା ମୋର
ତା ଲାଗି ସବୁ ତ ଛାଡ଼ିଦେଲି । ପଦ ।

୧

ବେଦ ବାଇବେଲ କୋରାନ ସଂହିତା,
ଗୀତା ଗୀତାଞ୍ଜଳି 'କାଳି'ର କବିତା,
ସବୁ ଲାଗେ ପିତା,
ତାର ଗୁଣ ଗୀତା
ଜୀବନର ଜପାମାଳା କଲି ।

୨

ଦେବପୂଜା ଲାଗି ତୋଳିଲି କୁସୁମ,
କେ ଜାଣେ କିପାଇଁ ହେଲା ମତିଭ୍ରମ,
ମାଳ ଗୁନ୍ଥି ତାର
ଛବି ସଜାଇଲି,
ପାପ ପୁଣ୍ୟ କଥା ଭୁଲିଗଲି ।

Digitized by srujan ka@gmail.com

୩

ଅଶନ ସମସ୍ତେ ନଇବେଦ୍ୟ ଯାଇ
ଉଚ୍ଚାରିଲି ମନ୍ତ୍ର ଅସିଲା ତ ନାହିଁ,
ତାହାର ନାମରେ
ପାଣି ଛଡାଇଲି,
ଅନ୍ଧ ଫାନ୍ଦରେ ମୁଁ ପଡ଼ିଗଲି ।

୪

ପାଞ୍ଚିଥିଲି ଦେବୀ ପରଶନ ଲାଗି
ଲକ୍ଷେ ମହାଜୀବ ଦେବି ପାଣିଲାଗି
କି କୁହୁକ କଲା
ସବୁ ଜୀବରେ ମୁଁ
ଶିବ ରୂପ ଦେଖି କାବା ହେଲି ।

'ସ୍ୱାଧୀନ' 'ସ୍ୱାଧୀନ' ଜପି ରାତ୍ରଦିନ
ଲକ୍ଷ୍ୟ ରଖିଥିଲି ଦିଲ୍ଲୀ ସିଂହାସନ,
ପରାଧୀନ ଆଜି
ତା ପ୍ରେମ-କାରାରେ
ଜାଣୁ ଜାଣୁ ହାତ କଡ଼ି ନେଲି ।

Digitized by srujan ka@gmail.com

ନିବେଦନ

ବୈଶାଖ, ଭଟ୍ଟକଅଶ୍ରମ
ଗାନ୍ଧ୍ୟାବ୍ଦ ୭୨

ଛୁଅଁନା ଛୁଅଁନା ବିଦେଶୀ ବସନ;
ଭାଇ ମୁଣ୍ଡା ନାହିଁ ସେହି ପାପକୁ,
ଅମୃତ ହାଣ୍ଡିରେ ବିଷ ମିଶା ନାହିଁ
ଦୁଧ ପିଆ ନାହିଁ ନାଗ ସାପକୁ ।ପଦ।
ଦେଶରେ ଆସିଛି ନବଜାଗରଣ
ଆଉ ହଟା ନାହିଁ ଦେଶ ପଛକୁ,
ସ୍ୱାଧୀନତା ବଟ ପଲ୍ଲବ ଉଠୁଛି
ବନ୍ଧୁ ହାଣ ନାହିଁ ସେହି ଗଛକୁ ।୧।
ଆପଣା ଭାଇଙ୍କି ଭଗାଇ କରଣ
କେବେଭେ ପୋଷ ନାହିଁ ଦୁର ଠକଙ୍କୁ,
କାଳ ମହାପ୍ରଭୁ ଘୃଡରକ୍ତ ପିଇ
ଆଉ କାଟ ନାହିଁ ନିଜ ଦେବକୁ ।୨।
ପଇସା ଭ୍ରମର ଭାସିଯାଏ କାହିଁ
ଟିକେ ଦେଲାବେଳେ ଭାବ ମନକୁ,
ଝିଣ୍ଟିକାକୁ ମାର ବଣି ପୋଷ ନାହିଁ
ଦେଇ ବଡଲୋକେ ଦୁଃଖୀ ଧନକୁ ।୩।
ବେଳ ପଡ଼ିଅଛି ମେଳ ବାନ୍ଧି ଆଜ
ଭାଙ୍ଗ ପୂତନାର କାଳ କଳକୁ,
ମହାତ୍ମା ବଚନ ଶିରେଧାର୍ଯ୍ୟ କର
ଯଶ ରହିଯିବ ଭାଳ କାଳକୁ ।୪।

Digitized by srujan ka@gmail.com

ବଳି

ଅଶ୍ୱିନ, ବ୍ରହ୍ମପୁର
ଗାନ୍ଧ୍ୟାବ୍ଦ ୫୨

ଏ ଯେ ଯୁଗ ଅବତାର ଅସୁଛି
ବିଶ୍ୱ ଜଗତର   କଳଙ୍କ ପୋଛୁବ
ତାକୁ ବୁଝିବାର ଲୋକ ବୁଝୁଛୁ । ପଦ ।

ଅସହ୍ୟ ଧରାରେ ଧନୀ ଅତ୍ୟାଚାର
ଅଳସେ ବିଳାପେ ଦେଶ ହାହାକାର
କେତେ ମ୍ଳେଚ୍ଛ ବୁଦ୍ଧି ବଢ଼ି ଉଠୁଛି । ୧ ।

କୃଷକ ଶୋଷିତ, ଶ୍ରମଜୀବୀ ହୀନ
ଅଳପ ବେତନ ଦାସ ଅଶ୍ରୁଜଳ
ସବୁ ହୁତାଶନ ପରି ଜଳୁଛି । ୨ ।

ଭୀରୁ ନନ୍ଦେ ବସି ନିଜର କପାଳ
(କାନ୍ଦୁ) କପାଳରେ ଲେଖା ସମସ୍ତେ 'ଭୂପାଳ'
ମା'ଟି ସମାନ ସଭିଙ୍କି ଧରୁଛି । ୩ ।

ପ୍ରଜା ଧନେ ଥିଲୁ ବଳୀ କେତେ ରାଜା
ଅତି ଦାନେ ପୁଣି ପାଉଥିଲୁ ପୂଜା
ସେହୁ ବିଶ୍ୱ ଶାନ୍ତି ଲାଗି ମରୁଛି । ୪ ।

ବେଶୀ ଦିନ ନାହିଁ ତୁଟିବ ଏ ଭଳି
ସବୁ ଭେଦାଭେଦ ପାଇବେ ତ ବଳି
ଧୀରେ ଅହିଂସା ଶଙ୍ଖ ଖେଳୁଛି । ୫ ।

Digitized by srujan ka@gmail.com

ପଣ୍ଡିତାର ଚିନ୍ତା

(ଦୁଃଖିନୀ ଜନକାସ୍ୱର)

ଅଷାଢ଼, ଢାଲଗଳ
ଗାନ୍ଧ୍ୟାବ୍ଦ ୭୨

ଗୃତକାମୀ ପର ଗୃହିଁକୁ ଗଗନେ
ନୀରବନ୍ଧୁ ଢେବେ ଝଂଝବ;
ଘନକଳା ଘନ ଉଲେ ଲୋଡ଼ି ଅସେ
ସତେ ଅମ ଅଶା ପୂରବ ? । ପଦ ।

ନବଭ୍ରବେ ମଜ୍ଜି   ନବଢେଙ୍ଗେ ସାଜି
ଭାରତ ରମଣୀ   . ଜାଗରଭା ଅଜି,
ବୁଝି ଅମ କଥା   ପୋଛୁବ କେ ବଥା
ଅବୁଝା ଅମର ଦଇବ । ୧ ।

ଅଲୋଡ଼ା ଅଟେମ ତ   ପଢ଼ିଥାଉଁ କଣେ,
ଭାବେ କେ ଜଗତେ   ଅମଲାଗି ଜଣେ,
ଯେତେ ଧନ ଥିଲେ   ଧନୀ ନୋହୁ ଅମେ
ଗଣ୍ଠିବନ୍ଧୁ ବଳି ଗଣ୍ଠିବ । ୨ ।

ରୂପ ବଜାରରେ   ରୂପାର ଖଡ଼ଗେ
ହଣାହେଉଁ ଅମେ   ନାଚ ଅଖିଅଗେ,
ସରଗ ସୁଷମା   ପାଦେ ଠେଲି ଗୃହୀଁ
ନରକକୁ କର ସୁଲଭ । ୩ ।

ନାସ୍ତି ମଥାମଣି   ନାସ୍ତିର ସଜୀତ,
ଯା'ପ୍ରେମ କରଣେ   ବଣ୍ଟ ଅଲୋକିତ,
ସେ ମଥାମଣି କେ   ଛଡ଼ାଇ ନେଇଛି
ଝୁରିଲେ କି ଅଉ ଅସିବ ? । ୪ ।

Digitized by srujan ka@gmail.com

ଶିଶୁ ଗଣ୍ଡେ ମାତା ଦେଉଣି ଚୁମ୍ବନ
ପିତା କୋଳେ ଯେବେ କରେ ଅରପଣ,
ଦେଖିଦେଲେ ତାଙ୍କୁ ଜଳିଉଠେ ବୁକୁ
ସେ ଜ୍ୱାଳା କିଏ ସେ ଶମିବ ? । ୫ ।

ଭାବୁଁ କେବେ କେବେ ଲଭନ୍ତୁ ସୁଗତ
ମୁକତି-ଯାଗରେ ନିଜକୁ ଆହୁତ,
ଭାବ ଆସେ ପୁଣି ବିଷକଣିକାକୁ
ସୁଧାସଙ୍ଗେ କିଏ ଗୋଳିବ ? । ୬ ।

ଜନମୁଁ ଜନନୀ . ଦେଉଥିଲେ ବିଷ
ଶୋଚନା ସେଥିକି ନ ଥାନ୍ତା ତ ଲେଶ,
ଦେବୀଦେଶରେ ଯା' ଦାନବୀ ସାଜିଲୁଁ
(ଆମ) କଳଙ୍କ କାହାକୁ ଲାଗିବ ? । ୭ ।

ପଥର ଉଠିଲା ପାଦ ବାଜି ଯେଉଁ,
ପତିତପାବନ ବାନା ଉଡ଼େ ଯହିଁ,
ସେ ଦେଶେ ପଡ଼ିଛୁ ଭରସା ଏତିକି
ଦିନେ ଆମ ଦଶା ଫେରିବ । ୮ ।

Digitized by srujan ka@gmail.com

ଶୁଭକୁମ୍ଭ

ଭାଦ୍ରବ, ପୁଣ୍ଣ ଧର୍ମଶାଳା
ଗାନ୍ଧ୍ୟାନ୍ଧ ୭୨

ସେ ମହାମାନବ ଚରଣେ ଶୁଣ୍ଠ
କୋଟି ଓଡ଼ିଆଙ୍କ ହୃଦ ପ୍ରତିନିଧି
ଗୁଲ ମୋ ଭଜଣି, ଗୁଲ ମୋ ସ୍ୱର । ପଦ ।

ବାଧା ବିପଦକୁ ପାଦ୍ୟରେ ଦଳି
ପଞ୍ଚଭୂତ ପର ସରବେ ମିଳି.
ମାତୃପୂଜା ବେଦୀ ମଣ୍ଡପ ତୋଳିବା
ସବୁ ପଛ କଥା ପଛେ ପକାଇ । ୧ ।

ଯୁଗ ଅବତାର ଜଗତ ଶଶୀ
କାଲ୍‌ଠୁଁ ଗଲଣି ବୋଇତେ ବସି,
ନଦୀଆ ଚନ୍ଦ୍ରମା ଯାଇଥିଲେ ଯଥା
ଜଗାଇ ମାଧାଇ ମୁକତି ପାଇଁ । ୨ ।

ତା ପ୍ରିୟ ଭାରତ ଭାବେ ସେ ଶବ୍ଦେ
ଉତ୍କଳର ଛବି ନାଚେ ତା ନେତ୍ରେ,
ଅହିଂସା ମନ୍ଦିର ଅକ୍ଷୟ ଶକତି
ଲହରୀ ମନ୍ତ୍ର ତା ହୃଦେ ଖେଳଇ । ୩ ।

ତାହାର ତପରେ ଆମେ ତପସ୍ୱୀ
ତାହାର ଯଶରେ ଅମେ ଯଶସ୍ୱୀ
ତା ପ୍ରେମେ ବାନ୍ଧିବା ଜଗତବାସୀଙ୍କି
ବିଜୟ କେତନ ନଭେ ଉଡ଼ାଇ । ୪ ।

Digitized by srujan ka@gmail.com

ମାନସିକ

କାର୍ତ୍ତିକ, କଟକ ଜେଲ୍
ଗାନ୍ଧ୍ୟାବ୍ଦ ୭୨

ଫାଟକ ପଥର କର ସବୁ ଦୁଃଖ ସହୁଛୁ
ସହିବ । ପଦ ।

୧

ଅସ୍ଥ ଝଡ଼-ବତାସ
ହେବ ନାହିଁ ହତାଶ,
ତୁମ୍ଭର ପତାକା ଧରି ଦାଣ୍ଡେ ଦାଣ୍ଡେ ବୁଲିବି,
ବୁଲିବି ।

୨

ଖେଳିଉଠୁ ବିଦ୍ୟୁତ
ହେବ ନାହିଁ ଶଙ୍କିତ,
ଘଡ ଘଡ ଚଡ଼ ଚଡ ଘାତ ପାତ ବହିବ,
ବହିବ ।

୩

ଗୃହହୀନା ମୁଁ ସନ୍ତାନ
ଅହମିକା ସ୍ୟନ୍ଦନ
ମୋ ଜାତି ରୁକ୍ମିଣୀ ରଥ ଚକ ହୋଇ ଘୂରିବ,
ଘୂରିବ ।

୪

ହେବ ନାହିଁ ଚନ୍ଦନ;
କାଠି ମୋର ବନ୍ଧନ,
ମୁଁ ଇନ୍ଧନ ହୋଇ ଭବେ ଘରେ ଘରେ ଜଳିବ,
ଜଳିବ ।

Digitized by srujan ka@gmail.com

୫

ଗୁହେନା ମୁଁ ମୁକ୍ତ
ନିଜଲାଗି ଭକତ
ହାତ କଣ୍ଡ ପାଏଁ ପଡ଼ଛ ପୂଜା ଫୁଲ୍ ତୋଳିବ,
ତୋଳିବ ।

୬

ଲୋଡ଼ା ନାହିଁ ସଂସାର
ଭୋଗେଁ ପଛେ ନରକ
ମୋହେଣ ଉଦ୍ଧାର ଲାଗି ମାଟିଉଠେଲେ ମେଣିବ
ମେଣିବ ।

Digitized by srujan ka@gmail.com

କଳଘର

ଭୁଦ୍ରବ, ଢାଲଗଳ
ଗାନ୍ଧ୍ୟାବ୍ଦ ୭୨

କଳଘର ନୁହଁ,
କଳିଘର ଭାଇ !
କଳଲାଗି ସିନା ଯାବତ କଳି । ପଦ ।

(୧)

କଳିଯୁଗେ କଳ- ଦାନବରୂପୀ
ବ୍ୟାପି ରହିଅଛି ମାନବ ପୃଥ୍ୱୀ,
ମଧ୍ୟବର୍ତ୍ତିଙ୍କର
ରକତ ଶୋଷଇ,
ମୂଳିଆଙ୍କୁ ଦଏ ଚରଣେ ଦଳି ।

(୨)

ଲକ୍ଷପତିଙ୍କି ସେ ଲୋଭ ଦେଖାଇ
ବିଳାସ-ପଙ୍କରେ ଦିଏ ବୁଡ଼ାଇ,
ଝିଣ୍ଟିକା ମାରି ସେ
ବଣି ପୋଷେ ନିତ,
କାରିଗର ଘରେ ପକାଏ ଧୂଳି ।

(୩)

ଗୃହ ଲାଗି ବଡ ଆମ ଭାରତ,
ଗୃହୀ ରକ୍ଷା କରେ ପୃଥ୍ୱୀ ମହତ,
ଉଧାଇ ନ ପାରେ
ଗୃହ ତା' ଦାଉରେ,
ଦୀନୁ ଧନ ଦେଖି ଯାଏ ମଉଳି ।

Digitized by srujan ka@gmail.com

(୪)

ଧାନ କୁଟି ସୁତା   ଅରଟେ କାଟି
ଚଳୁଥିଲେ ଜେତେ   ନିଚମା ଦୁଃଖୀ,
ସଭିଙ୍କ ଜୀବିକା
ବୁଡ଼ାଇ ଦେଇଛୁ,
ଭୋଗନ୍ତି ସେମାନେ   ଜୀଅନ୍ତା ଶୂଳି ।

(୫)

ଭାଂଲଟି ବଭଳ   ବଡ଼ ସହର
ସ୍ୱେଗର ଗୋଦାମ   ନରକ ଘର;
ସରଗ ଶୋଭର
ହାଟ ଭାଙ୍ଗିଯାଏ
ପଲ୍ଲୀ ଶମଶାନ   ଜ୍ୱଠଇ ଜଳି ।

(୬)

ଦଳିତ ଦୁଃଖୀଙ୍କି   ରଖିବା ପାଇଁ
ଯୁଗ ଅବତାର   ଅସିଛୁ ତୁଇଁ;
କଳ ଅତ୍ୟାଗ୍ରର
ଗୃପିବ ମୁକର,
ବାମନ ଯେସନ   ଗୃପିଲେ ବଳୀ ।

Digitized by srujan ka@gmail.com

ଆଶା

ଶ୍ରାବଣ, ବାରପଦା
ଗାନ୍ଧ୍ୟାବ୍ଦ ୫୮

ସେ ଯେ ସୁନ୍ଦର, ଶିବ ସୁନ୍ଦର,
ତା ରୂପ ମାଧୁରୀ ନ ଦେଖିଲି କାହିଁ
ଖୋଜି ଖୋଜି ମୁହିଁ ଉନ୍ମତ୍ତର ।
ତା ମଧୁର ବାଣୀ ନ ଶୁଣିଲି କାହିଁ
ଅସୁମାର ଜନ୍ମ ଗଲା ମୋର । ପଦ ।
କେବେ ମଣ୍ଡିଲେନା ତା'ର ଯଜ୍ଞବନ,
ତାମ କାମନା ନ ଛୁଇଁ ତାର ମନ,
ରମଣୀ କେତେ ପ୍ରେମେ ପଡି ତା'ର
ହସୁଛନ୍ତି ସଦା କରକର । ୧ ।
ପିନ୍ଧି ଫୁଲବାସ ନିତ ସଦାଗତ,
ଫାନ୍ଦେ ପଡ଼ି ତାର ପ୍ରଫୁଲ୍ଲିତ ମତ,
ତା ରୂପ ମୋହରେ ପାଗଳ ହୋଇଣି
ଝରୁଛି ଝରଣା ଝରଝର । ୨ ।
ଚନ୍ଦ୍ରପଖା ଟେକି ନାଚଉଟେ କେକୀ,
ନୀଳ ମେଘକୋଳେ ଛବି ତାର ଦେଖି,
ତାଳିଦିଏ ପିକା ତା' ପଦ-ପଙ୍କେ
ପିଇବାର ମଧୁ କୁହୁସ୍ୱର । ୩ ।
କେବେ ବଜାଇବ ଆସି ପୁଣି ବଂଶୀ,
ସତେ ବରଜେବ ତାକୁ ହସିହସି,
ମାନ ମହତକୁ ଫିଙ୍ଗିଦେଇ ସବୁ
ବୁଲିବ ହୋଇ ତା' ଅନୁଚର । ୪ ।

Digitized by srujan ka@gmail.com

ସେବା

ଭାଦ୍ରବ, ପ୍ରସ୍ତ
ଗାନ୍ଧ୍ୟାବ୍ଦ ୬୨

ଜୀବ-ସେବା ଭାଇ !
ଅହିଂସା ନୀତିର ଅସଲ ଭିତ୍ତି ;
ଜୀବ-ସେବାରେ ଯେ ଜୀବନ ସମର୍ପିନ୍ତି
ସବୁଠାରେ ପାରେ ସଭିଙ୍କି ପ୍ରୀତି । ପଦ ।

୧

ପଶୁ ପକ୍ଷେ ଶ୍ରେୟ ;
ପଶୁ ଭକ୍ଷାପ୍ଲୁତ ,
ସେବା ଧର୍ମ କରେ ଜଗତ ଅଦ୍ଭୁତ
ତରଳାଇ ଦିଏ
ପାଷାଣ ହୃଦୟ,
ବଦଳାଇ ଦିଏ କପଟ ମତ ।

୨

ସେବକର ଅଛି
ନାହିଁ ଭିନ୍ନ ପରେ,
ସଭିଙ୍କି ଦେଖେ ସେ ସମାନ ଚକ୍ଷୁରେ,
ହିଂସା ଦ୍ୱେଷ ଭାବ
ଚିତ୍ତୁଁ ଲିଭିଯାଏ,
(ହୃଦେ) ଜଳଉଠେ ପ୍ରେମ ବକୁଳାବତୀ ।

Digitized by srujan ka@gmail.com

୩

ପରଲାଗି ନିଜ
ଦେହକୁ ନଗୁହିଁ
ମରଣ ପାଖରେ ଉଭା ହୁଏ ଯାଇ,
ବରଣ କରେ ସେ
ନରକ ଯାତନା,
ବାରେ ନାହିଁ କମା ଜାତ ଅଜାତ ।

୪

ଯୋଗ ଯାଗ କରୁ
ଲୋଡ଼ା ନାହିଁ ତାର,
ଜୀବରେ ଦେଖେ ସେ ଶିବଙ୍କ ଅକାର;
ବନ୍ଧନେ ତାହାକୁ
ରଖିବ କିଏସେ ?
ହାତମୁଠାରେ ତା' ଗତ ମୁକତ ।

Digitized by srujan ka@gmail.com

ମୁକ୍ତିପଥେ

ଜ୍ୟେଷ୍ଠ, ଭାଳଗଲା
ଗାନ୍ଧ୍ୟାବ୍ଦ ୭୨

ମରଣକୁ ଯେବେ ବରଣ କରିବା
ଡର ଆଉ ତେବେ କାହାକୁ । ପଦ ।

ଆସୁ ଯେତେ ଝଡ଼ ଶପଦ ବତାସ,
ତୁଟାଇବା ନାହିଁ ମନରୁ ସାହସ,
ନିଜ ପଦେ ନିଜେ ଉଭାହେବା ଆମେ
ସାହା କରି ନିଜ ବାହାକୁ । ୧ ।

ସ୍ୱାର୍ଥ ଅହମିକା ସମ୍ପଦ-ଭର୍ତ୍ସି
କେତେ କେତେ ତସ୍ୱି ଦିଏ ଚୂନା କରି,
ଭର୍ତ୍ସି ପାଶରୁ ଦୂରେ ନ ରହିଲେ
ଭଜିବା ପାତାଳ ପୁରକୁ । ୨ ।

କୋଟି ନର ନାରୀ ନାବର ପଙ୍କାସ୍ୱି
ଦେବୀ ଦରଶନେ ଅଛନ୍ତି ବାହାରି
ନିଜ ମୁଣ୍ଡ ନିଜେ ବଳି ଯାଉଛନ୍ତି
ଆପଣାର କରି ପରକୁ । ୩ ।

ମୁକତି ମନ୍ଦର କନକ ପତାକା
ବଜ୍ରଦ ଉଡ଼ାନ୍ତି ଦେଲଣି ତ ଦେଖା
ବୃଥା ମରିବା କି ମନ୍ଦି ଦରିଅରେ
ଛାଡ଼ି ଦେଇ ଅଶା-ନାହାକୁ । ୪ ।

କେଦାରନାଥ ଗବେଷଣା
ପ୍ରତିଷ୍ଠାନ
Digitized by srujan ka@gmail.com

ଉଦ୍‌ବୋଧନ

ଚୈତ୍ର, ହଜାରିବାଗ ଜେଲ୍
ଗାନ୍ଧ୍ୟାବ୍ଦ ୨୨

ଉଠ ଉଠ ହେ
ଜଙ୍ଗଲ ବାସି !
ଗୃହିଁଛ ବସି କାହିଁକି ?
ଶୁଭିଲଣି ଭେରୀ ଆସିବେ ତ ଘେର
ଲକ୍ଷ ଲକ୍ଷ ଭକତ
ଦେବୀ ପୂଜା ପାଇଁକି । ପଦ ।

୧

ଜମ୍ବୁଦ୍ୱୀପ ଜମ୍ବୁକ ଉଠିଲଣି ବାଜି,
ଶମ୍ଭୁ ସମ ଦେବ ତେଜେ ଉଠ ସାଜି,
ଡମ୍ବୁ ପାତ ଯାଇ
ଅମ୍ବୁନିଧିକୂଳେ
ମୁକ୍ତ ଗଗନେ ଗୃହିଁକି ।

୨

ତରଙ୍ଗେ ତରଙ୍ଗେ ସ୍ୱାଧୀନତାଗୀତ
ପଲକେ ପୁଲକେ ଫେନପୁଞ୍ଜପ୍ରୀତ
ମଗ୍ନ-ଦବା-ନିଧି
ସ୍ନିଗ୍ଧ କରେ ଗିରି,
କାନନ ଉଠେ ମହକି ।

୩

ସୁପ୍ତସିଂହ ଦେଶ ଉଠିଅଛୁ ଜାଗି
ମୁକ୍ତ ହେବ ଯୁଗ ଯୁଗାନ୍ତର ଲାଗି

Digitized by srujan ka@gmail.com

ଲୁପ୍ତ-ଡଫ-ଢେକ
ଦୀପ୍ତ ଉଷ୍ଣି ଗ୍ରାଲ;
ଇନ୍ଦ୍ର ପଡ଼ଇ ଚମକ୍କ ।

୪

ବଣ୍ଟ ପାଉ ଅନ୍ନ ଦୃଷ୍ଟି ଉଷ୍ଣି ପରେ,
ବୃଷ୍ଟି ହେବ ସୁଖ ଶାନ୍ତି ଘରେ ଘରେ,
ବିଚ୍ଛିଯୋଗ ଯିବ
ସୃଷ୍ଟି ଉଲ୍ଲସିବ;
ସତ୍ୟ ବଜାଯ୍ଯ ବଲ୍ଲେକ ।

ଏହି ସଂଗୀତଟି କଂଗ୍ରେସ ଅଭ୍ୟର୍ଥନା ସମିତିର ପ୍ରଥମ ବୈଠକରେ ବୋଲା ହୋଇଥିଲା ।



Digitized by srujan ka@gmail.com

ଅଛୁଆଯାତ୍ରୀ

ଜ୍ୟେଷ୍ଠ, ଢାଳଗଳା
ଗାନ୍ଧୀଯାତ୍ରା ୬୨

ଗୀତ ଧନେ ଶ୍ରୀ
ବଙ୍ଗର ଉଦ୍ଧାର
ଧଫା ପରିବ ତାହାଙ୍କୁ ଅଶେବା । ପଦ ।

ଜଗନ୍ନାଥ ନାମ ମହକେ ଜଗତେ,
ଜଗତର ନାଥ ବୋଲନ୍ତି ସମସ୍ତେ,
ଅମଧର କି ଏ ଜଗତୁ ବାହାର
ଅମେ ଅନାଥ କାହିଁକି ରହିବା । ୧ ।

ଥକା ନୋହେ କେବେ ଚକା ଡୋଳା ତାର,
ଅଣୁ ପରମାଣୁ ଦେଖଇ ବଣର,
ପତିତପାବନ ବାନା ଉଡ଼ାଏ ସେ
ଅମେ ଏତେଦୁଃଖ କାହିଁ ସହିବା ? । ୨ ।

ଯାହାଙ୍କ ସେବାରେ ଖଟି ଦିବା ରାତ
ଜଳାଇ ଦେଉଛୁ ଏ ଜୀବନ ବତୀ,
ଅମ ଛାଇ ଦେଖି ତାଙ୍କ ନାହିଁ ଭର୍ଷ
ଏହା କେଉଁ ବେଦ ନୀତ ବୁଝିବା । ୩ ।

ଅମକୁ ଛୁଇଁଲେ ହୁଅନ୍ତି ସେ ଛୁଆଁ
ବାସନ୍ଧ ଅମକୁ ଜାଗା ପାଣି ନାହିଁ,
ନିଜେ ପରାଧୀନ ଉଛନ୍ତି ଅମକୁ
କିପି ଦୋହର ଫାଶରେ ବାନ୍ଧିବା । ୪ ।

Digitized by srujan ka@gmail.com

ଆମ ଦୁଖ ସୁଖେ ନାହିଁ କାର ଲକ୍ଷ
ପେଟ ଜଳନରେ ଭକ୍ଷୁଛୁ ଅଭକ୍ଷ
ଲୁଗୁଇବା କାହିଁ ଦୀନବନ୍ଧୁ ଆଗେ
ସଫା ସତକଥା ଖୋଲି କହୁବା । ୫ ।

ଲକ୍ଷ୍ମୀ ଠାକୁରାଣୀ ତାହାର ଘରଣୀ,
ଜାଣନ୍ତି ସେ ଆମ ଦୁଖର କାହାଣୀ
ଶୁଣିବନ୍ତ ହୋଇ ଯାଙ୍ଗେ ନେବା ତାଙ୍କୁ
ଆମ ସାକ୍ଷୀ ଗୁହା ତାଙ୍କୁ ମାନିବା ! ୬ ।

ଶ୍ରୀବତ୍ସ ବ୍ରାହ୍ମଣ ମାଇଲା ଗୋଇଠା,
ବଣିଆ ଶବର ଖୋଇଲା ଅଇଁଠା,
ହରିଅ ଯବନ ଦାଣ୍ଡେ ନଗୁଇଲା
ତାକୁ; ଆମେ କାହିଁ ଛାଡୁ ହୋଇବା ? । ୭ ।

ଆମଠାରେ ଯେବେ ନାହିଁ ତାର ଲୋଭ,
ଦେହ ଧରି କାହିଁ ରହିବା ଅଛୁବ ?
କୃପାନିଧି ନାମ ଫସାରୁ ବୁଡ଼ାଇ
ନଶ୍ଟେଁ ବାରିନିଧି ଜଳେ ଫାସିବା । ୮ ।

କହୁଛନ୍ତି ଲୋକେ ଗାନ୍ଧି ତାର ଲୋକ,
ଆସିଛୁ ଟାଳିବ ସାର ପୃଥ୍ବୀ ଦୁଖ,
କଥା ଯେବେ ସତ, ନେଇ ଗାନ୍ଧି ମତ
ଗୁଲ ମୁକତ ମଣ୍ଡପେ ବସିବା । ୯ ।

Digitized by srujan ka@gmail.com

ସ୍ୱପ୍ନ

ଫାଲ୍ଗୁନ, ଲନ୍ସଡାଉନ ରୋଡ଼
କଲିକତା, ଗାନ୍ଧ୍ୟାବ୍ଦ ୫୯

ଆହା !

ଦେଖେ ସୁନ୍ଦର ଜହ୍ନ ପଡ଼ୁଛି,
ଧର୍‌-ବୋଇତ କ   ଧଳା ପାଲ ତୋଳି
ଏ ପାରରୁ   ସେ ପାରକୁ
ଭାସି ଯାଉଛି । ପଦ ।

୧

ମନ ଯା' ଭିତରେ   ଜନମାଦେ ଅକ୍ଷ
ଯୋଛନା ଭିତରେ   ଯାଆନ୍ତି ମୁଁ ମଜ୍ଜି,
(ଭବ) ମଧୁକୁମ୍ଭେ ଯେସନ୍ତେ
ମଜନ୍ତି ମାଛି ।.

୨

ପ୍ରେମିକ ପ୍ରେମିକା   ହୃଦୟ ଅକଟି
ବଂଶୀସ୍ୱନପରି   ନୀଳ ନଭେ ଉଠି,
(ନଭ) ପ୍ରକୃତ ପ୍ରାଙ୍ଗଣେ
ଖେଳନ୍ତି ପୁଚି ।

୩

ମଳୟପ୍ୟା ଘର   ମଲ୍ଲିମାଳ ହୋଇ
ଯୁବକ ଯୁବତୀ   ଶ୍ରୀ ଅଙ୍ଗରେ ଶୋହି,
(ପୁଣ୍ୟ) ସଉରଭେ ତାଙ୍କୁ
ଦଅନ୍ତି କଞ୍ଚି

Digitized by srujan ka@gmail.com

୪

ଚରଣାନ୍ତୁଲେ ମୋ   ମନକଥା କହୁ
ମହାସିନ୍ଧୁ କୋଳେ   ଯାଆନ୍ତୁ ମୁଁ ବହି
(ସୁଖେ) ବାଟେଘାଟେ ମୋର
ଜୀବନ ସିଞ୍ଚି ।

୫

କଳ୍ପନା-କୁଞ୍ଜରେ   ସେବ ସରସ୍ୱତୀ,
ହୃଦୟ ସଙ୍ଗତେ   ହୃଦୟ ମିଳାନ୍ତୁ,
(ବନ୍ଧୁ) କବିବର ପରି
କବିତା ରଚି ।

୬

କମାଣ ଗୁଳିକି   ଶିର ଦେଇ ବଳି
ମହାତ୍ମା ଆଦେଶେ   ପଡ଼ନ୍ତୁ ମୁଁ ଢଳି,
(ମୋର) ଜନମ ବନ୍ଧନ
ଯାଆନ୍ତା ଛିଣ୍ଡି ।

Digitized by srujan ka@gmail.com

ଉତ୍କଳ ଜନନୀ

ଶ୍ରାବଣ, ଢାଲୀଗନି
ଗାନ୍ଧ୍ୟାବ୍ଦ ୫୭

'ରାଜ୍ୟ' ନାହିଁ ଯାର 'ସ୍ୱରାଜ୍ୟ' କି ହେବ
'ଭାଷା' ନାହିଁ ଯାର ଆଶା କି ରହିବ ?
ଭାବ ରେ କେ ଅଛ ସ୍ୱଦେଶ ଭକତ
କେଡ଼େ ଜାତି ତୋର ହେଉଛି ଲୁପତ । ପଦ ।

(୧)

ଦେଖ କଲିକତା ଝାଟା କାରଖାନା
କାଟ ମେରୁଦାଣ୍ଡ ନିତ ହୁଏ ଚୂନା,
ଭାଗବତ ଟୁଙ୍ଗୀ ନେଲାଣି ସମାଧି
ଗ୍ରାମେ ଗ୍ରାମେ ଗପ 'ବାଦୀ' 'ପ୍ରତିବାଦୀ'
ପଲ୍ଲୀ ଶମଶାନ ଜଳେ ସ୍ୱଭଦନ
କରିବ କେ ଆଜ ପଲ୍ଲୀ ସଂଗଠନ ?

(୨)

ଛର ବସୁଣିକା ବାନ୍ଧିଲାଣି ବସା,
ବସି ମରୁଡ଼ିରେ ଉଡ଼ିଯାଏ ହଂସା,
ପଞ୍ଜାବୀର ଦାନେ ଗୁଜୁରାଟୀ ଧନେ
ତୋକେ ପିଇ ଦଣ୍ଡେ ବଞ୍ଚାଇ ଜୀବନେ
କରୁଥିବା କେତେ କହ ପ୍ରତିକାର
ଦିନୁ ଦିନୁ ହେଲା ଅଚଳ ସଂସାର !

Digitized by srujan ka@gmail.com

(୩)

ଓଡ଼ିଶାର ଶ୍ମୃଷୀ 'ରେଙ୍ଗାମର' କୂଳ
କରବ କେ ଆଜ କଦ୍ଧ ବରଦୋଳ,
ଭାବଛ କି ମନେ କି ଅବା ସ୍ୱପନେ
ଅରୁଣରେ ସୂତା କାଟି 'ବାବୁ'ମାନେ
ଭାରତେ ବଢ଼ାଇ ସ୍ୱଦେଶୀ ପ୍ରଚାର
ଯୋକ ମୁଖେ ଦେବେ ଲବଣ ଆହାର ?

(୪)

ସହଜେ ଲଭିଛେଁ ଦାସତ୍ୱର ଦଣ୍ଡ,
ତା ପରେ ଜନନୀ ଅଙ୍ଗ ଖଣ୍ଡ ଖଣ୍ଡ,
(କେବେ) ଗଙ୍ଗାରେ ପଡ଼ଇ (କେବେ) ଗୟାରେ ତା ପିଣ୍ଡ,
ଛୁଟିଲଣି ଶିଖ ଫିଟୁ ନାହିଁ ତୁଣ୍ଡ
ମୁକୁଳିତ ତାର ଚକ୍ରାବର ଭାର
ଲୁହ ରକତେ ସେ ଅଜ ଏଡାକାର ।

(୫)

ମାତା ପଦଚିହ୍ନ ଚହିଲେ ବଙ୍ଗାଳି,
ଜାତ ଲାଗି ଗ୍ଲାନ ପାତଲେ ଅକାଳି,
ଭାଇ ଲାଗି ଭାଇ ଭେଇଲେ ଚର୍ଦ୍ଧୋଳି
କୋଟି ଶିବ ଦେଶେ କୋଟି ଏ ଉଜ୍ଜ୍ୱଳୀ
ଲାଗିବେ ନାହିଁ କି ମନ ପ୍ରାଣ ଖୋଲି
ଡାକିବେ ନାହିଁ କି ମାଆ ମାଆ ବୋଲି ?

Digitized by srujan ka@gmail.com

ପ୍ରେମିକ କିଏ ?

ମାର୍ଗଶିର, ଜନ୍ମଦ୍ଵାଦଶୀ ଶ୍ରେଷ୍ଠ
ଗାନ୍ଧ୍ୟାବ୍ଦ ୫୯

(ଅନ୍ତ କେତକକଣ୍ଟକଲ୍ଲୀ—ବୃତ୍ତରେ)

କହ ଗୋ,

କିଏ ସେ ପ୍ରେମର ନାଗର
ପ୍ରେମର ମରମ ଜାଣେ ? ପଦ ।

(ଯା) ଦେଶ ପରାଧୀନ
ବେଶ ପରଦାନ,
(ଯେ) ବିଳାସକ୍ତ ଭଜ,
ଅଳସରେ ମଜ,
ଯୌବନ ମୋହରେ
ମାତ ଅହଙ୍କାରେ,
ରୂପ ପିପାସାରେ
ଭୋଗ ଲାଲସାରେ
ରୂପା ଧନୁଶରେ ନାରୀମନ ହାଣେ ? ୧ ।

(ଯେ) ସବୁ ସ୍ଵାର୍ଥ ତେଜ
ଦେଶ ମୁକ୍ତ ହେଜ;
ତରୁଣୀ ସତୀତ୍ଵ
ତରୁଣର ବ୍ରତ
ବଞ୍ଚାଇବା ଲାଗି,
ଅସି ଗଣ୍ଡ ଚୁମ୍ବି
ମରଣ ଗଳାର
ଦେଇ ଫୁଲହାର
ଶୋଏ ମରଣଶଯ୍ୟା ସମର ପ୍ରାଙ୍ଗଣେ ? ୨ ।

Digitized by srujan ka@gmail.com

(ଯା) ଘରେ ନାହିଁ ଅନ୍ନ
ମଳିନ ବସନ,
କୁଟୁମ୍ବ ପୋଷଣ
ଚିନ୍ତା ଅନୁକ୍ଷଣ;
(ସେ) କଳ୍ପନା ସୁନ୍ଦରୀ
ସାଥିରେ ବିହରି,
ମନ-ଭୁଲି ଧରି
ବନଛବି ଛବି
କୋଟି କୋଟି ପ୍ରାଣେ ସୁଖଶାନ୍ତି ଅଣେ ? ୩ ।
(ଯେ) ଶତ୍ରୁ ଜଗତର
ପାଇଁ ଉପକାର,
ଚୁଲି ଖଡ୍ଗ ଧାରେ
ଅହିଂସା ନୀତରେ
ଯୀଶୁଙ୍କ ସମାନ
ସହିଣ କଷଣ,
ଚଇତନ ସମ
ଝାଲି ଅରି ମନ
ଶାନ୍ତି ବଳେ ଦାନବ ମାନବ କଣେ । ୪ ।

Digitized by srujan ka@gmail.com

ବିଜୟୀ ସ୍ମୃତି

ଅଷାଢ଼, କାଳୀଗଞ୍ଜ
ଗାନ୍ଧ୍ୟାବ୍ଦ ୬୨

ଦେବ !

ଅମର ପୁରରୁ ଗଗନଉଆଲୁ ଗୃହୁଁ ଅଛ
କାହେ ନାରେଖି;
ବିଜୟ ପତାକା ଦହଇ ଉଠୁଛ୍ଛ ତବ ଶ୍ରୀଚରଣେ
(ଅଜ) ଗୃହି କା। ପଦ।

(୧)

ଛୁଟିଛ୍ଛ ସ୍ୱପନ ଫିଟିଛ୍ଛ ନୟନ,
ଫିଟିନାହିଁ ଦେଶ ଦାସତ୍ୱ ବନ୍ଧନ,
ଘ୍ଯୁତବକ୍ତ୍ର ତାଳ
କଣଥିଲ ଯାହା,
ଜୟ ଗଉରବ ହେତୁକ !

(୨)

ପଡ଼ିନାହିଁ ଶେଷ ଯଙ୍କର ଅହୁତ,
ସଜ୍ଜିଲାଗି ସେନା ଛଦାବନ୍ଧା ଶାନ୍ତ
କଳିନାହିଁ ସତ,
କଳ ହେଉନାହିଁ
ଦେଶ ଭବିଷ୍ୟତ ଗତକ୍କ।

(୩)

ଶେଷ ଓମଙ୍ଗାକ ଦେବା ଲଗି ବାରେ,
ସେନାପତି ଗଲେ ନୀଳ ସିନ୍ଧୁ ପାରେ;

Digitized by srujan ka@gmail.com

ସତ୍ୟ ଅହିଂସାର
ଗୀତ ପ୍ରଚାରିବେ
ଟଳାଇ ଜଗତ ମଣ୍ଡଳ ।

(୪)

ଘନ ଅନ୍ଧକାର ପୂରପଲ୍ଲୀ ବନ,
ପୂନେଇ ଜଙ୍ଘା ବା ସେ ଝଞ୍ଜା ପବନ,
ଯାହା ଭ୍ରଟେଗ୍ୟ ତେନ୍ତୁ
ତୋପ ବନ୍ଧୁକକୁ
ଗ୍ଲତ ରଖିଅଛୁ ସଳଖି ।

(୫)

ତୁମ୍ଭର ପଥରେ ଅମେ ତ ପଥିକ,
ଲୋଡ଼ୁ ନାହୁଁ ଛାର ପଦବୀ ପଦକ;
ସ୍ୱାଧୀନ ଭାରତ
ଦେଖି ପ୍ରାଣ ଯାଉ
ଅଶୀଷ ଅମକୁ ଏତିକି ।

ଭରସା

ହୈଦ୍ର, ହଜାରିବାଗ ଜେଲ
ଗାନ୍ଧ୍ୟାବ୍ଦ ୭୨

ମୋ'ର ସାହା ଏକା ସେହୁ ଭଗବାନ୍ ।
ଯାର ଶକ୍ତିରେ ଯାର ଭକ୍ତିରେ
ଭବ ଶଣ୍ଣୀ ତାର
ତେଜସ୍ଵାନ୍ । ପଦ ।
ଗଗନ ଯାହାର ବଜଯ୍ନ ପତାକା,
ସମୀରଣ ଯା'ର ଗଜରବ ଢକ୍କା,
ସଦାନେ ଯାହାର
ଶତ ନଦ ନଦୀ
ସାଗର ସମୀପେ
ଧାବମାନ୍ । ୧ ।
ମନ୍ଦର ଯାହାର ମାନବ ଅନ୍ତର,
ଶିବ ସତ୍ୟ ଯା'ର ମଣ୍ଡପ ସୁନ୍ଦର,
ସୁକମଳ ପ୍ରେମ
ଚରଣୀ ଉଦକ
ଏ ବଶ୍ୱ ଯହିଁରେ
ଭାସମାନ୍ । ୨ ।
ମରଲେ ମରବ ତରଲେ ତରବ,
ତାଙ୍କର ଇଙ୍ଗିତେ ପଥ ମୁଁ ଗୃହବ,
ଜାତି ଲଗି ମୋର
ଗୃତ ହାଡ଼ ଦେବ,
ଦେଶ ଲଗି ଦେବ
ନଜ ଯାନ୍ । ୩ ।

ନିବେଦନ

ପୂର୍ବେ ବିଜ୍ଞାପନରେ ଏ ପୁସ୍ତିକାର ମୂଲ୍ୟ ପାଞ୍ଚପଇସା ବୋଲି ପ୍ରକାଶିତ ହୋଇଥିଲା । ମାତ୍ର ପୁସ୍ତିକାର ଆକାର, ପ୍ରକାର ବୃଦ୍ଧି ଛପା ଖର୍ଚ୍ଚ ବେଶୀ ପଡ଼ିବାରୁ ଏହାର ମୂଲ୍ୟ ଠ୦୵ (ଦୁଇଅଣା) କରି ଦିଆଗଲା ।

ପ୍ରକାଶକ—

ଶ୍ରୀ ନଟବର ବିଶାଳ

ପ୍ରଥମ ସଂସ୍କରଣ

ମୁଦ୍ରାକର

ଶ୍ରୀ ରାଧାନାଥ ରଥ

ସତ୍ୟବାଦୀ ପ୍ରେସ, କଟକ

୧୯୩୧

Digitized by srujanika@gmail.com